OPEN ACCESS

*Int. Jr. of Contemp. Res. in Multi.* **PEER-REVIEWED JOURNAL** *Volume 5 Issue 1 [Jan- Feb] Year 2026*




*Research Article*

# ଓଡ଼ିଶା – ଆନ୍ଧ୍ର ସୀମାନ୍ତ ଅଞ୍ଚଳର ଲୋକ କ୍ରୀଡ଼ା

**ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ**

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, କଳିଙ୍ଗ ମହାବିଦ୍ୟାଳୟ, ଘୁ. ଉଦୟଗିରି, କନ୍ଧମାଳ, ଓଡ଼ିଶା, ଭାରତ

**Corresponding Author:** *ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ

**DOI:** https://doi.org/10.5281/zenodo.20537253

## ସାରାଂଶ

ମାନବୀୟ ସଂସ୍କୃତିର ଚିରନ୍ତନ ନିର୍ଝରିଣୀ ହେଉଛି ଲୋକଜୀବନ, ଯାହାର ଅମୃତମୟୀ ଅଭିବ୍ୟକ୍ତି ଲୋକକ୍ରୀଡ଼ା ମଧ୍ୟରେ ସଂଗୁପ୍ତ । କ୍ରୀଡ଼ା କେବଳ ଶାରୀରିକ ସାମର୍ଥ୍ୟର ନିକଷ ନୁହେଁ, ବରଂ ମାନସିକ ସନ୍ତୋଷ ଓ ସାମାଜିକ ସହାବସ୍ଥାନର ଏକ ଅନନ୍ୟ ମାଧ୍ୟମ । ପ୍ରେକ୍ଷାପଟ୍ଟରେ, ପ୍ରାଚୀନ କଳିଙ୍ଗର ଐତିହାସିକ ସ୍ମୃତି ବହନ କରୁଥିବା ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଅଞ୍ଚଳ (ଯଥା: ଇଚ୍ଛାପୁର, ଜଳନ୍ତର, ପାରଳାଖେମୁଣ୍ଡି, ଟିକିଟି ଓ ଶ୍ରୀକାକୁଲମ ଆଦି)ର ଜନଜୀବନରେ ପ୍ରଚଳିତ ଲୋକକ୍ରୀଡ଼ାର ସ୍ୱରୂପ ଅତୀବ ଚିତ୍ତାକର୍ଷକ । ଉଭୟ ଓଡ଼ିଆ ଓ ତେଲୁଗୁ ଭାଷା-ସଂସ୍କୃତିର ସମନ୍ୱୟରେ ସମୃଦ୍ଧ ଏହି ଅଞ୍ଚଳର କ୍ରୀଡ଼ା ପ୍ରଣାଳୀକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି— ମୁକ୍ତ ପ୍ରାଙ୍ଗଣ କ୍ରୀଡ଼ା (ଯଥା: ବଉଚୁରି, ବାଙ୍ଗରାମୁ, ଡାଇପିଲ, ପୁଚି ଆଦି) ଏବଂ ଘରୋଇ କ୍ରୀଡ଼ା (ଯଥା: କାଟକଉଡ଼ି, ଛଟିକିଲି-ମିଟିକିଲି, ଧାଡ଼ି ଧୁକୁଡ଼ି ଆଦି) । ଏହି କ୍ରୀଡ଼ାସମୂହ ଗ୍ରାମ୍ୟ ପରିବେଶର ସରଳତା ଓ ନିରାଡ଼ମ୍ବରତାକୁ ପ୍ରତିଫଳିତ କରିବା ସହ ଆଞ୍ଚଳିକ ସାଂସ୍କୃତିକ ପରିଚୟକୁ ଉଜ୍ଜୀବିତ ରଖିଛନ୍ତି । ମାତ୍ର ବର୍ତ୍ତମାନର ଆଧୁନିକତା ଓ ପ୍ରଯୁକ୍ତିବିଦ୍ୟାର କରାଳ ଗ୍ରାସରେ ଏହି ପାରମ୍ପରିକ ଲୋକକ୍ରୀଡ଼ାଗୁଡ଼ିକ ବିଲୁପ୍ତପ୍ରାୟ । ଏହି ଗବେଷଣାତ୍ମକ ନିବନ୍ଧରେ ସୀମାନ୍ତ ଅଞ୍ଚଳର ସେହି ଅମୂଲ୍ୟ ସାଂସ୍କୃତିକ ବୈଭବର ସଂରକ୍ଷଣ, ବର୍ଗୀକରଣ ଓ ପୁନରୁଦ୍ଧାରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଛି, ଯାହା ଆଗାମୀ ପିଢ଼ି ପାଇଁ ପାରମ୍ପରିକ ଅସ୍ମିତାର ବାର୍ତ୍ତାବହ ହୋଇପାରିବ ।

**Manuscript Information**

- **ISSN No:** 2583-7397
- **Received:** 03-01-2026
- **Accepted:** 24-02-2026
- **Published:** 28-02-2026
- **IJCRM:**5(1); 2026: 945-949
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. ଓଡ଼ିଶା – ଆନ୍ଧ୍ର ସୀମାନ୍ତ ଅଞ୍ଚଳର ଲୋକ କ୍ରୀଡ଼ା. Int J Contemp. Res Multidiscip. 2026;5(1):945-949.

**Access this Article Online**

www.multiarticlesjournal.com

**ପ୍ରମୁଖ ଶବ୍ଦାବଳୀ :** ଲୋକକ୍ରୀଡ଼ା, ସୀମାନ୍ତ ସଂସ୍କୃତି, ମୁକ୍ତ ପ୍ରାଙ୍ଗଣ କ୍ରୀଡ଼ା, ଘରୋଇ ଲୋକକ୍ରୀଡ଼ା, ସାଂସ୍କୃତିକ ସହାବସ୍ଥାନ


© 2026 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ପରିଚୟ

କ୍ରୀଡ଼ା ସହିତ ମଣିଷର ସମ୍ପର୍କ ଏକାନ୍ତ ନିବିଡ଼ । ଏହା ମଣିଷକୁ ଆନନ୍ଦ ଦାନ କ୍ଷେତ୍ରରେ ଯେତିକି ସହାୟକ, ମାନସିକ, ଶାରୀରିକ ତଥା ସାମାଜିକ ଉଦ୍ଦେଶ୍ୟ ସାଧନ କ୍ଷେତ୍ରରେ ମଧ୍ୟ ସେତିକି ସହାୟକ । ପ୍ରକାଶ ଥାଉକି, ଶାରୀରିକ ସୁସ୍ଥତା ଓ ମାନସିକ ପ୍ରଶାନ୍ତି , ସର୍ବୋପରି ସାମାଜିକ ସହାବସ୍ଥାନ ସୃଷ୍ଟି କ୍ଷେତ୍ରରେ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ଲୋକବିଦ୍ୟାର ଅଧ୍ୟୟନ ପରିପ୍ରେକ୍ଷୀରେ ଲୋକକ୍ରୀଡ଼ାକୁ ବିଶେଷ ଧ୍ୟାନ ଦିଆଯାଇଥାଏ । ଖେଳ ଲୋକଜୀବନର ଏକ ପ୍ରମୁଖ ଉପାଦାନ । ଏହା ସାଂସ୍କୃତିକ ଚେତନାର ଅନୁଭବକୁ ପ୍ରକାଶ କରିବା କ୍ଷେତ୍ରରେ ଯେତିକି ସମର୍ଥ ; ପ୍ରକାରାନ୍ତରେ ସାମାଜିକ ବୈଭବକୁ ଉପସ୍ଥାପନ କରିବାରେ ଏହାର ଭୂମିକା ସେତିକି ଅନନ୍ୟ । କ୍ରୀଡ଼ା ମଣିଷମାନଙ୍କୁ ଆନନ୍ଦ ଦାନ କରିବା ସହିତ ଭାଗ୍ୟବାଦ ପ୍ରତି ମଧ୍ୟ ସଚେତନ କରିଥାଏ । କ୍ରୀଡ଼ା କେତେକ କ୍ଷେତ୍ରରେ ମଣିଷର ଶାରୀରିକ ଦକ୍ଷତା ଏବଂ ମାନସିକ ଦକ୍ଷତାକୁ କେନ୍ଦ୍ର କରି ଫଳପ୍ରଦ ହୋଇଥାଏ । ଲୋକକ୍ରୀଡ଼ା ଲୋକ ଜୀବନ ଆଧାରରେ ସୃଷ୍ଟ ଓ ସମୃଦ୍ଧ । ଗ୍ରାମ୍ୟ ପରିବେଶର ଏନ୍ତୁଡ଼ିଶାଳରେ ଲୋକକ୍ରୀଡ଼ାର ଲାଳନ, ପାଳନ ଓ ସମୃଦ୍ଧି ଘଟିଥାଏ । ତେଣୁ ଏହା ଗ୍ରାମ୍ୟ ଜୀବନ ପରି ସରଳ, ସାବଲୀଳ ତଥା ନିରାଡ଼ମ୍ବର । ଏହାର ପରିବେଷଣରେ ନା ବ୍ୟୟବହୁଳତା ଥାଏ, ନା ଥାଏ ଆଡ଼ମ୍ବରପୂର୍ଣ୍ଣ ସାଜସଜ୍ଜା । ସୁତରାଂ ସାଧାରଣ ତଥା ନିରାଡ଼ମ୍ବର ପ୍ରସ୍ତୁତି ଓ ଗ୍ରାମ୍ୟ ପରିବେଶ ହିଁ ଲୋକକ୍ରୀଡ଼ାର ପରିବେଷଣ ପାଇଁ ଉପଯୁକ୍ତ ପରିବେଶ । ବିଶେଷ କରି ଗାଁ ଦାଣ୍ଡ, ନଈପଠା ତଥା ଗ୍ରାମ ନିକଟସ୍ଥ ପଡ଼ିଆ ଲୋକକ୍ରୀଡ଼ାର ପରିବେଷଣ ନିମନ୍ତେ ଉତ୍କୃଷ୍ଟ ସ୍ଥାନ ବିବେଚିତ ହୋଇଥାଏ ।

ଆପାତତଃ ପରିବର୍ତ୍ତନଶୀଳ ମଣିଷର ଜୀବନ ପ୍ରକ୍ରିୟା ସହିତ ସମତାଳରେ ଲୋକକ୍ରୀଡ଼ା ମଧ୍ୟ ନିଜକୁ କେତେକ କ୍ଷେତ୍ରରେ ପରିବର୍ତ୍ତନ କରିଥିବା ଲକ୍ଷ୍ୟ କରାଯାଏ । ଏପରିକି କେତେକ କ୍ଷେତ୍ରରେ ସ୍ଥାନ ଭେଦାନୁସାରେ ଲୋକକ୍ରୀଡ଼ାର ନାମ ଓ ପରିବେଷଣ ଶୈଳୀରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହୁଏ। ଏହି ଅବସରରେ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ସୀମାନ୍ତ ଅଞ୍ଚଳରେ ପ୍ରଚଳିତ ଲୋକକ୍ରୀଡା ସମ୍ପର୍କରେ ଏଠାରେ ଆଲୋକପାତ କରାଯାଇପାରେ । ପ୍ରକାଶ ଥାଉ କି, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ସୀମାନ୍ତ ଅଞ୍ଚଳ ରୂପେ ଆମେ ଏହି ପ୍ରବନ୍ଧରେ ଇଚ୍ଛାପୁର, ଜଳନ୍ତର, ଜରଡ଼ା, ଟିକିଟି, ତୁମ୍ବା, ମଞ୍ଜୁଷା, ପାରଳାଖେମୁଣ୍ଡି, କାଶୀପୁର, ରାୟଗଡ଼ା,ଟିକାଲି, ଶ୍ରୀକାକୁଲମ ପ୍ରଭୃତି ଅଞ୍ଚଳରେ ଅଦ୍ୟାବଧି ପ୍ରଚଳିତ ଲୋକକ୍ରୀଡ଼ାକୁ ଗ୍ରହଣ କରିଅଛୁ । ମାତ୍ର କୋରାପୁଟ, ପାର୍ବତୀପୁରମ୍ ପ୍ରଭୃତି ଅଞ୍ଚଳର ଅଧିବାସୀମାନଙ୍କ ଲୋକକ୍ରୀଡ଼ା ଆଲୋଚ୍ୟ ପ୍ରବନ୍ଧରେ ସ୍ଥାନ ପାଇନାହିଁ । କହିବା ବାହୁଲ୍ୟ ଏ ସମସ୍ତ ଅଞ୍ଚଳ ଦିନେ ଓଡ଼ିଶା ରାଜାଙ୍କ ଅଧୀନରେ ରହିଥିଲା । ଅତୀତ କଳିଙ୍ଗର ଲୋକକ୍ରୀଡ଼ା ବର୍ତ୍ତମାନ ପର୍ଯ୍ୟନ୍ତ ଉପର୍ଯ୍ୟୁକ୍ତ ସ୍ଥାନମାନଙ୍କରେ ପରିଲକ୍ଷିତ ହୋଇଥାଏ । ସର୍ବୋପରି ଏହି ସମସ୍ତ ଅଞ୍ଚଳରେ ପ୍ରଚଳିତ ଲୋକକ୍ରୀଡ଼ା ଗୁଡ଼ିକୁ ଆଲୋଚନାର ସୌଷ୍ଟବତା ଦୃଷ୍ଟିରୁ ନିମ୍ନମତେ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଯଥା- (୧) ମୁକ୍ତ ପ୍ରାଙ୍ଗଣ କ୍ରୀଡ଼ା

### (୨) ଘରୋଇ କ୍ରୀଡ଼ା

ଆଲୋଚନାର ସୁସ୍ଥ ରୂପାୟଣ ପରିପ୍ରେକ୍ଷୀରେ ସଂପ୍ରତି ଏହି ଦୁଇ ଶ୍ରେଣୀର ଲୋକକ୍ରୀଡ଼ାକୁ ନିମ୍ନରେ ପ୍ରାଞ୍ଜଳ ଭାବରେ ଆଲୋଚନା କରାଯିବା ଯଥାର୍ଥ ମନେହୁଏ ।

### (୧) ମୁକ୍ତ ପ୍ରାଙ୍ଗଣ ଲୋକକ୍ରୀଡ଼ା:

ମୁଖ୍ୟତଃ ଯେଉଁ କେତେକ ଲୋକକ୍ରୀଡ଼ା ଗାଁ ଦାଣ୍ଡ, ନଈପଠା ତଥା ପଡ଼ିଆରେ ଅନୁଷ୍ଠିତ ହୋଇଥାଏ, ସେଗୁଡ଼ିକୁ ମୁକ୍ତ ପ୍ରାଙ୍ଗଣ ଲୋକକ୍ରୀଡ଼ା ଭାବରେ ସ୍ୱୀକାର କରାଯାଇଥାଏ । ଏହି ଶ୍ରେଣୀୟ କେତେକ କ୍ରୀଡ଼ା ବୃକ୍ଷ, ଜଳାଶୟ ଇତ୍ୟାଦି ସ୍ଥାନରେ ମଧ୍ୟ ପରିବେଷିତ ହୋଇଥାଏ । ସାଧାରଣତଃ ମୁକ୍ତ ପ୍ରାଙ୍ଗଣ ଲୋକକ୍ରୀଡ଼ାରେ ଶାରୀରିକ ଶକ୍ତିର ଆବଶ୍ୟକତା ଥାଏ । ଏହା ଆପାତତଃ ପୁରୁଷ ଓ ନାରୀ ଉଭୟଙ୍କ ଦ୍ୱାରା ଅନୁଷ୍ଠିତ ହୋଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଉପାନ୍ତ ଅଂଚଳରେ ପାରଂପରିକ ନ୍ୟାୟରେ ପରିବେଷଣ ହେଉଥିବା ବହୁ ଲୋକକ୍ରୀଡ଼ା ଓଡ଼ିଶାର ଅନ୍ୟାନ୍ୟ ଅଂଚଳରେ ପରିବେଷଣ ହେଉଥିଲେ ହେଁ ନାମକରଣଗତ ଓ ଶୈଳୀଗତ ଭିନ୍ନତାକୁ କେତେକ କ୍ରୀଡ଼ାରେ ଲକ୍ଷ୍ୟ କରାଯାଇଥାଏ । ସେଗୁଡ଼ିକୁ ଆବଶ୍ୟକତା କ୍ଷେତ୍ରରେ ଆଲୋଚନା କରାଯାଇପାରେ । ଆଲୋଚ୍ୟ ଅଞ୍ଚଳରେ ମୁକ୍ତ ପ୍ରାଙ୍ଗଣ ଲୋକକ୍ରୀଡ଼ା ଭାବରେ ସ୍ୱୀକୃତ କ୍ରୀଡ଼ାଗୁଡ଼ିକ ହେଲା- ବଉଚୁରି, ଡାଇପିଲ, ବାଟିଖେଳ, ବାଙ୍ଗରାମ୍ବୁ, ଛୁଟିପାରା, ରୁମାଲ ଚୋରି, ବାଘଛେଳି ଓ ପୁଚି ଖେଳ । ଆଲୋଚନାର ସୌକର୍ଯ୍ୟ ଦୃଷ୍ଟିରୁ ଉପରୋକ୍ତ ଲୋକକ୍ରୀଡ଼ା ଗୁଡ଼ିକୁ ନିମ୍ନରେ ଆଲୋଚନା କରାଯାଇପାରେ ।

### (କ) ବଉଚୁରି:

ସମଗ୍ର ଓଡ଼ିଶାରେ 'ବୋହୂଚୋରି' ନାମରେ ପରିଚିତ ଲୋକକ୍ରୀଡ଼ାଟି ସୀମାନ୍ତ ଅଞ୍ଚଳରେ 'ବଉଚୁରି' ନାମରେ ଅଦ୍ୟାବଧି ପରିବେଷିତ । 'ବଉଚରି' ଶବ୍ଦଟି ବୋହୂଚୋରିର ଅପଭ୍ରଂଶାତ୍ମକ ରୂପ । ତେଲୁଗୁ ଓ ଓଡ଼ିଆ ଭାଷାର ସମ୍ମିଶ୍ରଣରେ ଏହି ଶବ୍ଦଟିର ଉଚ୍ଚାରଣ 'ବଉଚୁରି' ହୋଇଥିବା ସ୍ୱୀକାର କରାଯାଇପାରେ । ମୁଖ୍ୟତଃ ଆଲୋଚ୍ୟ ଖେଳଟି ଦୁଇଦଳ ମଧ୍ୟରେ ଅନୁଷ୍ଠିତ ହୋଇଥାଏ । ସାତ / ଆଠ ବର୍ଷରୁ ବାର / ଚଉଦ ବର୍ଷର ପିଲାଙ୍କ ଦ୍ୱାରା ଏହାର ପରିବେଷଣ କରାଯାଏ । ବିଶେଷତଃ ଅପରାହ୍ଣ, ସନ୍ଧ୍ୟା କିମ୍ବା ଶୁକ୍ଳପକ୍ଷ ଜହ୍ନ ଆଲୁଅରେ ଏହି ଖେଳ ଖେଳାଯାଇଥାଏ । ଛଅରୁ ସାତ ଜଣଙ୍କୁ ନେଇ ଦୁଇଦଳରେ ବିଭକ୍ତ ଖେଳାଳିମାନଙ୍କ ମଧ୍ୟରେ ଲଢ଼େଇ ଆରମ୍ଭ ହୁଏ । ଗାଁ ଦାଣ୍ଡ କିମ୍ବା ନଈପଠା ଏହି ଖେଳ ନିମନ୍ତେ ଉପଯୁକ୍ତ ସ୍ଥାନ ଭାବରେ ଗ୍ରହଣୀୟ । ଗୋଟିଏ ଦଳ ବୋହୂର ସୁରକ୍ଷା ପାଇଁ ଚେଷ୍ଟା କରୁଥିବାବେଳେ, ଅନ୍ୟ ଦଳ ବୋହୂକୁ ଚୋରୀ କରିବା ପାଇଁ ପ୍ରୟାସ ଜାରି ରଖିଥାନ୍ତି । ଦଳର ଜଣେ ଖେଳାଳି ବୋହୂ ଭାବରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ବସିବାବେଳେ, ଅନ୍ୟମାନେ ତା'ର ସୁରକ୍ଷା ନିମନ୍ତେ ଚତୁର୍ଦ୍ଦିଗରେ ଜଗି ରହନ୍ତି । ବୋହୂ ବସିଥିବା ସ୍ଥାନ ଠାରୁ ୨୦ ରୁ ୨୫ ଗଜ ଅନ୍ତରରେ ଏକ ରେଖା ଟଣାଯାଏ, ଯାହାକୁ ଏହି ଅଞ୍ଚଳରେ 'ପାଲି' କୁହାଯାଇଥାଏ । ପ୍ରଥମତଃ ଜଣେ ପରେ ଜଣେ 'ରା' ବା 'ରାହା' ଧରି (ଆଲୋଚ୍ୟ ଅଞ୍ଚଳରେ ତାକୁ 'ନେଡି' କୁହାଯାଏ) ବୋହୂ ଚାରିପଟେ ଘୂରିବା ସହିତ ଅନ୍ୟ ଦଳର ଖେଳାଳିକୁ ଛୁଇଁ ମାରିବା (ଆଉଟ୍) ପାଇଁ ଚେଷ୍ଟା କରେ । ଯେତେବେଳେ ଚାରିକଡ଼ର ଖେଳାଳିମାନେ ମରିଯାନ୍ତି, ସେତେବେଳେ ସୁବିଧା ଦେଖି ବୋହୂ ଦୌଡ଼ି ଚାଲିଯାଏ । କ୍ରମାନ୍ୱୟରେ ଉଭୟ ଦଳଙ୍କ ମଧ୍ୟରେ ଏକଘଣ୍ଟାରୁ ଅଧିକ ସମୟ ଧରି ଏହି ଖେଳ ଚାଲିଥାଏ । ଶେଷରେ ଜୟ/ପରାଜୟ ଘୋଷଣା କରାଯାଇଥାଏ ।

### (ଖ) ବାଟିଖେଳ

ସେହିପରି ଓଡ଼ିଶାର ସର୍ବତ୍ର ପରିବେଷିତ 'ବାଟିଖେଳ' ଉପାନ୍ତ ଅଞ୍ଚଳର ମଧ୍ୟ ଏକ ଲୋକପ୍ରିୟ ଖେଳ ଭାବରେ ପରିଚିତ । ଗାଁ ଦାଣ୍ଡ ଏହି କ୍ରୀଡ଼ା ନିମିତ୍ତ ଉପଯୁକ୍ତ କ୍ଷେତ୍ର । ଆପାତତଃ ସାତଆଠ ବର୍ଷରୁ ବାର ଚଉଦ ବର୍ଷର ପିଲାମାନଙ୍କୁ ନେଇ ଏହା ଖେଳାଯାଏ । କୌଣସି ନିର୍ଦ୍ଦିଷ୍ଟ ସମୟ ଏଥିପାଇଁ ଅନାବଶ୍ୟକ । ଦୁଇରୁ ସାତ ଆଠଜଣ ଖେଳାଳି ଏଥିରେ ଭାଗ ନେଇଥାନ୍ତି । ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଛୋଟ ଗାତଟିଏ (ଆନୁମାନିକ ଦୁଇ ଇଞ୍ଚ ଗଭୀର) କରି ତା'ଠାରୁ ଆଠ/ଦଶ ହାତ ଦୂରରେ ସମସ୍ତ ଖେଳାଳି ଠିଆ ହୋଇ ଜଣେ ପରେ ଜଣେ କ୍ରମାନ୍ୱୟରେ ଗାତ ଉଦ୍ଦେଶ୍ୟରେ ନିଜର ବାଟିଟିକୁ ଗଡ଼ାନ୍ତି । ଯାହାର ବାଟିଟି ଗାତରେ ପଡ଼ିଯାଏ, ସେ ଭାଗ୍ୟବାନ ତଥା ତାହାର ବିଜୟ ଘୋଷଣା ହୁଏ । ବିଜୟ ବିଷୟଟିକୁ ଏହି ଅଞ୍ଚଳରେ 'ପାଚିଯିବା' ଶବ୍ଦ ମାଧ୍ୟମରେ ପ୍ରକାଶ କରାଯାଉଥିବା ଲକ୍ଷ୍ୟ କରାଯାଏ । ଯାହାର ବାଟିଟି


© 2026 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଗାତର ସର୍ବନିମ୍ନ ଦୂରତାରେ ରହେ ସେ ସମସ୍ତଙ୍କୁ ବାଟି ଦ୍ୱାରା ଲକ୍ଷ୍ୟ କରି ଆକ୍ରମଣ କରେ । ଓଡ଼ିଶାର ଅନ୍ୟ ଅଞ୍ଚଳ ଅପେକ୍ଷା ଆଲୋଚ୍ୟ ଅଞ୍ଚଳରେ ଅନୁଷ୍ଠିତ ଏହି ଲୋକକ୍ରୀଡ଼ାରେ ଯେଉଁ କେତେକ ଶବ୍ଦ ବ୍ୟବହାର କରାଯାଏ, ସେଗୁଡ଼ିକ ହେଲା- ପାଞ୍ଚକି, ସୀମାକୁ, ସାତିକି, ଆଠିକି, ନନ୍ଦିନୀ, ଦଶିଆ, ଖସିଆ ଇତ୍ୟାଦି । ଏହି ସମସ୍ତ ଶବ୍ଦ ନିର୍ଦ୍ଦିଷ୍ଟ ଅଙ୍କକୁ ବୁଝାଇଥାଏ ସାଧାରଣତଃ ବୃଦ୍ଧାଙ୍ଗୁଳିକୁ ତଳେ ଭରା ଦେଇ ତର୍ଜନୀ କିମ୍ବା ମଧ୍ୟମା ଆଙ୍ଗୁଠି ସହାୟତାରେ ବାଟି ଚାଳନା ପୂର୍ବକ ଆକ୍ରମଣ କରାଯାଇଥାଏ । ସୀମାନ୍ତ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଏହା ଯେତିକି ଲୋକପ୍ରିୟ, ସେତିକି ବହୁ ପ୍ରଚଳିତ ମଧ୍ୟ । ଏହା କେବଳ ପୁଅମାନଙ୍କ ଦ୍ୱାରା ପରିବେଷିତ ହୁଏ।

**(ଗ) ବାଙ୍ଗରାମୁ :**

ସମଗ୍ର ଓଡ଼ିଶାରେ ଯେଉଁ ଲୋକକ୍ରୀଡ଼ାଟି 'ନଟୁ ଖେଳ ନାମରେ ପରିଚିତ, ସୀମାନ୍ତ ଅଞ୍ଚଳରେ ତାହା 'ବାଙ୍ଗରାମୁ' ଖେଳ ଭାବରେ ପରିବେଷିତ। 'ବାଙ୍ଗରାମୁ' ଶବ୍ଦଟିକୁ ଉଭୟ ତେଲୁଗୁ ଓ ଓଡ଼ିଆ ଭାଷାର ସମ୍ମିଶ୍ରିତ ରୂପ । ବାଙ୍ଗରାମୁ ବା ନଟୁ କାଠରେ ତିଆରି ହୋଇଥିବାବେଳେ ତାହା ଦେଖିବାକୁ 'କୋନ୍' ସଦୃଶ । ତା'ର ଅଗ୍ରଭାଗରେ ଏକ ଲୁହା କଣ୍ଟା ଲଗାଯାଇଥାଏ, ଯାହା ଉପରେ ନଟୁର ଘୂର୍ଣ୍ଣନ ପ୍ରକ୍ରିୟା ନିର୍ଭର କରେ । ଖେଳାଳିମାନେ ସେହି ନଟୁ ଦେହରେ ଏକ ଲମ୍ବ ଦଉଡ଼ି ଗୁଡ଼ାଇ ତାକୁ ମାଟି ଉପରେ ଖେଳାଇଥାନ୍ତି । ବିଶେଷକରି ଗାଁ ଦାଣ୍ଡ ହିଁ ଏହାର ପରିବେଷଣ ନିମିତ୍ତ ଯଥାର୍ଥ ସ୍ଥାନ । ଚାରିରୁ ପାଞ୍ଚଜଣ ଖେଳାଳି ମଧ୍ୟରେ ଏହି ଖେଳ ଅନୁଷ୍ଠିତ ହୋଇଥାଏ । ଯାହାର ନଟୁ ବେଶି ସମୟ ପର୍ଯ୍ୟନ୍ତ ଘୂରେ ସେ ବିଜୟୀ ଘୋଷିତ ହୁଏ । ବେଳେବେଳେ ଖେଳାଳିମାନେ ଚମତ୍କାରିତା ପ୍ରଦର୍ଶନ ପୂର୍ବକ ଦଉଡ଼ି ସାହାଯ୍ୟରେ ଘୂରୁଥିବା ନଟୁଟିକୁ ହାତ ଉପରକୁ ଉଠାଇ ଆଣନ୍ତି । ଏହାକୁ 'ରାଂଗା' କୁହାଯାଏ ।

**(ଘ) ରୁମାଲ୍ ଚୋରୀ:**

ସେହିପରି 'ରୁମାଲ୍ ଚୋରୀ' ସୀମାନ୍ତ ଅଞ୍ଚଳରେ ଏକ ବହୁ ପ୍ରଚଳିତ ଲୋକକ୍ରୀଡ଼ା । ଖେଳାଳିଙ୍କ ସଂଖ୍ୟା ଅନିର୍ଦ୍ଦିଷ୍ଟ ଏବଂ ଗାଁ ଦାଣ୍ଡ ଏହାର ପରିବେଷଣ ନିମନ୍ତେ ଉତ୍କୃଷ୍ଟ କ୍ଷେତ୍ର । ସମଗ୍ର ଖେଳାଳି ଗୋଲାକୃତିରେ ବସି ଜଣେ ଖେଳାଳିକୁ 'ମା' ଭାବରେ ମନୋନୀତ କରିଥାନ୍ତି । ସେ ରୁମାଲ୍‌ଟିକୁ ଧରି ସବୁ ଖେଳାଳିଙ୍କ ପଛ ଭାଗରେ ଘୂରି ବୁଲିବା ସହିତ ସୁଯୋଗ ଦେଖି ଜଣକ ପଛ ଭାଗରେ ପକାଇ ଦିଏ । ସେ ପୁଣି ସମସ୍ତଙ୍କ ପଛ ଭାଗରେ ଘୂରେ । ଯଦି ଖେଳାଳି ଜଣକ ନିଜ ପଛରେ ରୁମାଲ୍ ପଡ଼ିବା ଜାଣିପାରେ ନାହିଁ, ତେବେ 'ମା' ଖେଳାଳି ଠାରୁ ମାଡ଼ଖାଏ । ଏହିପରି ଭାବରେ ଏହା ଅଧଘଣ୍ଟା ଯାଏଁ ପରିବେଷିତ ହୋଇଥାଏ ।

**(ଙ) ଲୁକୁଲୁକାଣି:**

ସାଧାରଣତଃ ଉପାନ୍ତ ଅଞ୍ଚଳରେ ପିଲାମାନଙ୍କ ନିମନ୍ତେ ଏହା ଏକ ପ୍ରିୟ ଲୋକକ୍ରୀଡ଼ା । ଏହାକୁ ଉଭୟ ପୁଅ ଓ ଝିଅ କ୍ରୀଡ଼ା ଭାବରେ ଗ୍ରହଣ କରିଥାନ୍ତି । ଏଥିରେ ଖେଳାଳିଙ୍କ ସଂଖ୍ୟା ନିର୍ଦ୍ଦିଷ୍ଟ ନଥିବାବେଳେ, ଅପରାହ୍ଣ ଉପଯୁକ୍ତ ସମୟ ଏବଂ ଗାଁ ଦାଣ୍ଡକୁ ଯଥାର୍ଥ କ୍ଷେତ୍ର ଭାବରେ ମନୋନୀତ କରାଯାଇଥାଏ । ଆନୁମାନିକ ୫ରୁ ୧୦ ଜଣ ଖେଳାଳିଙ୍କୁ ନେଇ ଏହା ପରିବେଷିତ ହୋଇଥାଏ । ଜଣେ ଖେଳାଳି 'ମା' ଭାବରେ ମନୋନୀତ ହେବାପରେ, ସେ ଆଖିବୁଜି ଏକ ଠାରୁ ଦଶ ପର୍ଯ୍ୟନ୍ତ ସଂଖ୍ୟା ଗଣେ । ଏହି ସମୟ ମଧ୍ୟରେ ଅନ୍ୟ ସମସ୍ତ ଖେଳାଳି ସୁବିଧାନୁସାରେ ଲୁଚି ଯାଆନ୍ତି । ତା'ପରେ 'ମା' ଆଖି ଖୋଲି ସମସ୍ତଙ୍କୁ ଖୋଜିବା ଆରମ୍ଭ କରେ । ଯେଉଁ ଖେଳାଳି ପ୍ରଥମେ ତା'ର ଆଖିରେ ପଡ଼େ, ତା'ର ନାମଧରି 'ମା' ଡାକିଥାଏ । ଯଦି କୌଣସି ଖେଳାଳି 'ମା'ର ଅଲକ୍ଷ୍ୟରେ ଆସି ପିଠିକୁ ବିଧାଟିଏ ମାରେ, ତେବେ 'ମା' ହୋଇଥିବା ଖେଳାଳିଟିକୁ ପୁଣିଥରେ ପରାଜୟ ବରଣ ପୂର୍ବକ 'ମା' ହେବାକୁ ପଡ଼ିଥାଏ । ଏହିପରି ଭାବରେ ଏହି ଖେଳ ଏକଘଣ୍ଟା ପର୍ଯ୍ୟନ୍ତ ପରିବେଷିତ ହୋଇଥାଏ ।

**(ଚ) ଡାଇପିଲ**:

ଆଲୋଚ୍ୟ ଅଞ୍ଚଳରେ 'ଡାଇପିଲ'କୁ 'ପିଲବାଡ଼ି' ମଧ୍ୟ କୁହାଯାଇଥାଏ । ମାଟିରେ ଏକ ଗାତ ଖୋଳି ତା' ଉପରେ ବାଡ଼ିଟିଏ ଡାଙ୍ଗ ଭାବରେ ରଖାଯାଏ । ଅପରନ୍ତୁ ଗାତ ମୁହଁରେ ତା' ଉପରେ ରଖାଯାଉଥିବା କାଠ ବା ଛୋଟ ବାଡ଼ିଟି 'ପିଲ' ନାମରେ ପରିଚିତ । ସାଧାରଣତଃ ପିଲା ବା ଛୋଟ ଦୃଷ୍ଟିରୁ ସେହି ବାଡ଼ିଟିକୁ ପିଲ ଓ ଖେଳଟିର ନାମ 'ପିଲବାଡ଼ି' ହୋଇଥିବା କୁହାଯାଇପାରେ । ଆଲୋଚ୍ୟ ଅଞ୍ଚଳରେ ଶିକ୍ଷିତଙ୍କ ଅପେକ୍ଷା ଅଶିକ୍ଷିତ ପିଲାଙ୍କ ମଧ୍ୟରେ ଏହି ଖେଳର ପ୍ରଚଳନ ଯଥେଷ୍ଟ ବେଶି । ଏହି ଖେଳ ମୁଖ୍ୟତଃ ଦୁଇଦଳ ମଧ୍ୟରେ ଅନୁଷ୍ଠିତ ହେଉଥିବାବେଳେ, ପ୍ରତି ଦଳରେ ତିନି ବା ଚାରି ଖେଳାଳି ରହିଥାନ୍ତି । ଚାରିହାତରୁ ଅଧିକ ଲମ୍ବ ବିଶିଷ୍ଟ ଏକ ବାଉଁଶ ଗଡ଼ିକୁ ବେଡ଼ ଭାବରେ ଓ ଛଅଇଞ୍ଚର ଏକ ଗଡ଼ିକୁ ନେଇ ଏହି ଖେଳ ଅନୁଷ୍ଠିତ ହୋଇଥାଏ । ମାଟିରେ ଚାରିଇଞ୍ଚ ଗଭୀର ଓ ସାତରୁ ଆଠ ଇଞ୍ଚ ଲମ୍ବର ଏକ ଗାତ କରି ତା' ଉପରେ ଛୋଟ ବାଡ଼ିଟିକୁ ରଖାଯାଏ । ତା'ପରେ ଗୋଟିଏ ଦଳ ତରଫରୁ ବଡ଼ ବାଡ଼ିଟି ସାହାଯ୍ୟରେ ଛୋଟ ବାଡ଼ିଟିକୁ ଉପରକୁ ପିଙ୍ଗାଯାଏ । ଅପରପକ୍ଷ ଖେଳାଳି ବାଡ଼ି ସାହାଯ୍ୟରେ ଉପରେ ଉଡ଼ିଯାଉଥିବା ବାଡ଼ିଟିକୁ ଆଘାତ କରେ । ତାହା ଯେଉଁ ସ୍ଥାନରେ ପଡ଼େ ପ୍ରଥମେ ମାରିଥିବା ଖେଳାଳି ତାହାକୁ ପୁଣି ଆକ୍ରମଣ କରେ । ଏହି ସମୟରେ ପିଲବାଡ଼ିର ଗୋଟିଏ ପାର୍ଶ୍ୱ ଯେପରି ଉଠି ରହେ ସେଥି ପ୍ରତି ଧ୍ୟାନ ଦେବାକୁ ହୋଇଥାଏ । ପିଲଟି ଯେଉଁଠି ପଡ଼େ ସେଠାରୁ ମୂଳ ଗାତର ଦୂରତାକୁ ଧରିଥିବା ପିଲ ବାଡ଼ିଟି ସାହାଯ୍ୟରେ ମପାଯାଏ । ଏହିପରି ଭାବରେ ଘଣ୍ଟାଏରୁ ଅଧିକ ସମୟ ଧରି ଏହି ଖେଳ ଖେଳାଯାଇଥାଏ । ଅତୀତର ଏହି ଖେଳ ପାରମ୍ପରିକ ନ୍ୟାୟରେ ଓଡ଼ିଶା ଓ ଆନ୍ଧ୍ର ଅଞ୍ଚଳରେ ଖେଳାଯାଇ ଆସୁଛି ।

**(ଛ) ଛୁଟିପାରା:**

ଏତଦ୍‌ବ୍ୟତୀତ ଆଲୋଚ୍ୟ ଅଞ୍ଚଳରେ 'ଛୁଟିପାରା' ଅନ୍ୟତମ ଲୋକପ୍ରିୟ କ୍ରୀଡ଼ା । ଏହି ଖେଳଟି କେତେକ ସ୍ଥାନରେ 'ଖପରାଖେଳ', 'ଛପେଇ ଖେଳ' ନାମରେ ପରିଚିତ ଥିବାବେଳେ ବହୁ ସ୍ଥାନରେ ଏହା 'ଛୁଟିପାରା' ନାମରେ ଖ୍ୟାତ । ଏହା ମୁଖ୍ୟତଃ ଝିଅମାନଙ୍କ ଦ୍ୱାରା ଖେଳା ଯାଇଥାଏ । ଏକରୁ ଅଧିକ ଖେଳାଳି ଏଥିରେ ଭାଗ ନେଇଥାନ୍ତି । ଏହାର ପରିବେଷଣ ଶୈଳୀ ଓ ରେଖାଚିତ୍ର ଶୈଳୀରେ ମଧ୍ୟ ଭିନ୍ନତା ପରିଲକ୍ଷିତ । ଏଥିପାଇଁ ପାଞ୍ଚଘର ବିଶିଷ୍ଟ ଏକ ଲମ୍ବ ଚିତ୍ର ଅଙ୍କନ କରାଯାଇଥାଏ । ଗାଁ ଦାଣ୍ଡରେ ଗୋଟିଏ ଖଡ଼ି , କାଠି କିମ୍ବା ଖପରା ସାହାଯ୍ୟରେ ଏହି ଗାର ଅଙ୍କନ କରି ଝିଅମାନେ ପ୍ରଥମତଃ ଘର ବାହାରେ ରହି ଏକ ଛୋଟ ଖପରାକୁ ଘର ଉଦ୍ଦେଶ୍ୟରେ ପକାନ୍ତି । ଖପରାଟି ଯଦି ଘରର କୌଣସି ରେଖାକୁ ସ୍ପର୍ଶ କରେ କିମ୍ବା ପ୍ରଥମ ଘର ବ୍ୟତୀତ ଅନ୍ୟଘରେ ପଡ଼େ, ତେବେ ସେହି ଖେଳାଳି ହାରମାନିବା ସହିତ ପୁଣିଥରେ ଖପରା ପକାଇବା ନିମନ୍ତେ ସୁଯୋଗ ପାଏ । ଯଦି ଖପରାଟି ପ୍ରଥମ ଘରେ ପଡ଼େ, ତେବେ ଖେଳାଳି ଜଣକ ପ୍ରଥମ ଘରେ ଛୁଟେଇ ଛୁଟେଇ ଗୋଟିଏ ଗୋଡ଼ରେ ଉପସ୍ଥିତ ହେବା ସହିତ ଖପରାଟିକୁ ଗୋଡ଼ ସାହାଯ୍ୟରେ ବାହାରକୁ ବାହାର କରେ । ଏପରି ଭାବରେ କ୍ରମାନ୍ୱୟରେ ପଞ୍ଚମ ଘରେ ଥିବା ଛକରେ ଖେଳାଳି ଜଣକ ଦୁଇଗୋଡ଼ ପକାଇ ପୁଣିଥରେ କ୍ରମାନୁସାରେ ପ୍ରଥମ ଘରକୁ ଆସେ । ଏପରି ଭାବରେ ଜଣକ ପରେ ଜଣେ ଖେଳାଳି ଆଲୋଚ୍ୟ ଖେଳରେ ଅଂଶ ଗ୍ରହଣ କରିଥାନ୍ତି ।

**(ଜ) ପୁଚି:**

କେବଳ ଅପ୍ରାପ୍ତ ବୟସ୍କା ଝିଅମାନଙ୍କ ଦ୍ୱାରା ଏହି ଖେଳ ପରିବେଷଣ କରାଯାଇଥାଏ । ଏହି ଲୋକକ୍ରୀଡ଼ାରେ ଖେଳାଳିଙ୍କ ସଂଖ୍ୟା ଅନିର୍ଦ୍ଦିଷ୍ଟ, ପରିବେଷଣ ସ୍ଥାନ ଗାଁ ଦାଣ୍ଡ ହୋଇଥିବା ବେଳେ ଅପରାହ୍ଣକୁ ଏହା ଖେଳିବା ନିମନ୍ତେ ଉପଯୁକ୍ତ ସମୟ ଭାବରେ ଗ୍ରହଣ କରାଯାଇଥାଏ । ସମସ୍ତ ଖେଳାଳି ଗୋଲାକୃତିରେ ଆଣ୍ଠୁ ଭାଙ୍ଗି ବସି ଏହି ଖେଳ ଆରମ୍ଭ କରିଥାନ୍ତି । ଆଣ୍ଠୁ


© 2026 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଭାଙ୍ଗି ବସିଥିବା ଖେଳାଳିମାନଙ୍କ ଗୋଟିଏ ଗୋଡ଼ ଆଗକୁ ଆସୁଥିବା ବେଳେ, ଅନ୍ୟ ଗୋଡ଼ଟି ପଛକୁ ଯାଏ । ଯାହାର ଏହି ଗୋଡ଼ ଚାଳନାର ବେଗ ଦ୍ରୁତ ହୁଏ, ତାହାକୁ ବିଜୟ ଘୋଷଣା କରାଯାଏ । ଏହି କ୍ରୀଡ଼ାର ପରିବେଷଣ ସମୟରେ ଝିଅ ତଥା ଖେଳାଳିମାନେ ଏକପ୍ରକାର ଗୀତ ଗାଇଥାନ୍ତି । ଯଥା-

"ଠିଆ ପୁଚି ନାରଂଗ, ଗୋଡ଼ ଦି'ଟା ସାରଂଗ
ସାରଂଗ ବଣକୁ ଯାଇଥଲି, ନାରଂଗ ପୁଞ୍ଜାଏ ଆଣିଥଲି,
ମୁଁ ରଖିଲି ଗୁଟିଏ ଲୋ, ତୋତେ ଦେଲି ଗୁଟିଏ,
ଭାଗ୍ୟରେ ଥିଲେ ପାଇବି ଲୋ, ଟଙ୍କା ସୁନା କୋଟିଏ ।"

କେବଳ ଏତିକି ନୁହେଁ, ଏହି ଖେଳର ପରିବେଷଣ ସମୟରେ ଅନ୍ୟ ଏକ ଗୀତକୁ ଖେଳାଳିମାନେ ଗାଉଥିବା ମଧ ଲକ୍ଷ୍ୟ କରାଯାଏ । ଯଥା -

"ପୁଚି ଲୋ ପୁଚି, ଯା' ଟିକେ ଘୁଂଚି
ଗହୀର ବିଲରେ ମଇଁଷି, ଧାନ କେରି କେରି ଖାଉଛି
କୋଉ ବାପଘର ମହୁରିଆ ନାଆଁ ତା'ର ସଉରିଆ
ସଉରିଆ ଭାଇ କିଏରେ ମହୁରୀ ବଜାଇ ଦିଏରେ ।"

ଗାଁ ଦାଣ୍ଡରେ ଗୀତ ଗାନ ସହିତ ଝିଅମାନଙ୍କ ଦ୍ୱାରା ପରିବେଷିତ ଏହି ଲୋକକ୍ରୀଡ଼ାଟି ଗ୍ରାମ୍ୟ ପରିବେଶକୁ ଯେପରି ହର୍ଷୋଦ୍‌ଫୁଲ୍ଲ କରିଥାଏ, ଦର୍ଶକମାନଙ୍କୁ ସେପରି ଆନନ୍ଦ ଦେବାରେ ସମର୍ଥ ହୋଇଥାଏ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ସୀମାନ୍ତ ଅଞ୍ଚଳରେ ମୁକ୍ତ ପ୍ରାଙ୍ଗଣ କ୍ରୀଡ଼ା ପରି ଘରୋଇ କ୍ରୀଡ଼ା ମଧ ପରିବେଷିତ ହୋଇଥାଏ । ସୁତରାଂ ଆଲୋଚନାର ସୁଷ୍ଠୁ ରୂପାୟଣ ଦୃଷ୍ଟିରୁ ସଂପ୍ରତି ଘରୋଇ କ୍ରୀଡ଼ା
ତଥା ଗୃହ ପ୍ରାଙ୍ଗଣ କ୍ରୀଡ଼ା ସଂପର୍କରେ ଆଲୋଚନା କରାଯାଇପାରେ ।

**(୨) ଘରୋଇ ଲୋକକ୍ରୀଡ଼ା:**

ଘରୋଇ ଲୋକକ୍ରୀଡ଼ାକୁ ସାଧାରଣତଃ ଗୃହ ପ୍ରାଙ୍ଗଣ ତଥା ଘର ମଧରେ ପରିବେଷିତ କ୍ରୀଡ଼ା ଭାବରେ ଗ୍ରହଣ କରାଯାଇପାରେ । ମୁଖ୍ୟତଃ କାଟକଉଡ଼ି, ହାଟ ପାଇଁଚ, ଛକିଶୂନ, ଇଟିକିଲି-ମିଟିକିଲି, ଚୋର ପୁଲିସ୍, ଗୋଡ଼ି ଖେଳ, ଧାଡ଼ି ଧୁକୁଡ଼ି, ଗଞ୍ଜପା ଇତ୍ୟାଦିକୁ ଘରୋଇ ଲୋକକ୍ରୀଡ଼ାର ପରିସରଭୁକ୍ତ କରାଯାଇପାରେ । ଉପରୋକ୍ତ ସମସ୍ତ ଖେଳର ପରିବେଷଣ ଶୈଳୀ ସଂପର୍କରେ ନିମ୍ନରେ ଆଲୋଚନା କରାଯାଇଛି ।

**(କ) କାଟକଉଡ଼ି:**

କାଟକଉଡ଼ି ଆଲୋଚ୍ୟ ଅଞ୍ଚଳର ଏକ ଲୋକପ୍ରିୟ କ୍ରୀଡ଼ା । ମୁଖ୍ୟତଃ ସର୍ବନିମ୍ନ ଦୁଇ ଓ ସର୍ବାଧିକ ଚାରିଜଣ ଖେଳାଳିଙ୍କୁ ନେଇ ଏହା ପରିବେଷିତ ହୋଇଥାଏ । ଏହା କେବଳ ମହିଳାମାନଙ୍କ କ୍ରୀଡ଼ା ଭାବରେ ପରିଚିତ । ଆପାତତଃ କିଶୋରୀମାନଙ୍କ ଠାରୁ ଆରମ୍ଭ କରି ପ୍ରାପ୍ତ ବୟସ୍କା ମହିଳାମାନେ ଏଥିରେ ଅଂଶ ଗ୍ରହଣ କରିଥାନ୍ତି । ଗୃହ ପ୍ରାଙ୍ଗଣ ଓ ଘର ମଧରେ ମଧାହ୍ନ ସମୟରେ ଏହାର ପରିବେଷଣ କରାଯାଇଥାଏ । ଘରର ସମସ୍ତ କାର୍ଯ୍ୟ ସମାପନ ପରେ ମହିଳାମାନେ ଏକତ୍ରିତ ହୋଇ ଏହି ଖେଳକୁ ଖେଳନ୍ତି। ଏହା ପାଞ୍ଚଘର କିମ୍ବା ସାତଘର ବିଶିଷ୍ଟ ଛକ ମଧରେ ଅନୁଷ୍ଠିତ ହୁଏ । ସାତଜଣ ଯୁକ୍ତ କାଠ କଉଡ଼ିକୁ 'ବଡ଼ହାଟ' କୁହାଯାଏ । ଭଙ୍ଗାଚୁଡି କିମ୍ବା ତେନ୍ତୁଳି ମଞ୍ଜି (ଆପୁଚି) କୁ ଦାନ ଦେବା ନିମନ୍ତେ 'ପିକ' ଭାବରେ ଗ୍ରହଣ କରାଯାଉଥିବା ବେଳେ, ଦାନ ପକାଇବା ପାଇଁ କଉଡ଼ିର ଆବଶ୍ୟକତା ଥାଏ । ସାଧାରଣତଃ ଚାରିହଳ ଓ ଆଠଟି ପିକ ଏପରି ସର୍ବମୋଟ ଷୋହଳଟି ଚୂଡ଼ି ଖଣ୍ଡ ଓ ଆଠଟି କଉଡ଼ିକୁ ଏହି ଖେଳରେ ଉପାଦାନ ଭାବରେ ଗ୍ରହଣ କରାଯାଇଥାଏ । ଘରର ଛକରେ ଖେଳାଳିମାନେ ନିଜ ନିଜର ପିକ ବସାଇଥାନ୍ତି । ଛଅ ଦାନ ପଡ଼ିଲେ ତାହାଣକୁ ପିକ ବାହାରେ ଓ ବୁଲି ବୁଲି ମଝିଛକକୁ ପିକ ଗଲେ ବିଜୟ ଘୋଷଣା କରାଯାଇଥାଏ । ଜଣେ ଖେଳାଳିଙ୍କ ପିକ ଅନ୍ୟ ଖେଳାଳିର ପିକ ଘରକୁ ଗଲେ, ସେ ମରିଯାଏ । ଏହି ଖେଳର ପରିବେଷଣ ସମୟରେ ଅନ୍ୟ ମହିଳାମାନେ ଦର୍ଶକ ଭାବରେ ଆନନ୍ଦ ଉପଭୋଗ କରିଥାନ୍ତି । ଏପରିକି ଜଣଙ୍କ ପରେ ଜଣେ ମହିଳା ଏଥିରେ ଅଂଶ ଗ୍ରହଣ କରୁଥିବା ପରିଦୃଷ୍ଟ ହୁଏ ।

**(ଖ) ଛଟିକିଲି–ମିଟିକିଲି:**

ସାଧାରଣତଃ ସ୍ୱଳ୍ପ ବୟସର ପିଲାମାନଙ୍କ ମଧରେ 'ଇଟିକିଲି–ମିଟିକିଲି' ଖେଳ ଅନୁଷ୍ଠିତ ହୋଇଥାଏ । ଏଥିରେ ଉଭୟ ବାଳକ ଓ ବାଳିକା ଅଂଶ ଗ୍ରହଣ କରିଥାନ୍ତି । ଖେଳାଳିମାନେ ଗୋଲ ଆକାରରେ ବସି ଦୁଇହାତ ପାପୁଲିକୁ ତଳେ ରଖନ୍ତି । ସମସ୍ତ ଆଙ୍ଗୁଠି ଖୋଲା ରହେ । ଜଣେ ଖେଳାଳି ବୁଢ଼ା ଆଙ୍ଗୁଠିକୁ କ୍ରମାନ୍ୱୟରେ ଗୀତର ତାଳେତାଳେ ଗୋଟିଏ ଆଙ୍ଗୁଠି ପରେ ଅନ୍ୟ ଏକ ଆଙ୍ଗୁଠିର ଗଣନା ଗୀତଗାଇ କରିଥାନ୍ତି । ଗୀତଟି ହେଲା—

"ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
ତମର ଆମର ନାଲି ପାଇଞ୍ଚ !
ନାଲି ପେଁ ପେଁ ବଜାଏ ହୀରା,
ଗୋଟିକ ପରେ ଗୋଟିଏ ଜିରା ।"

ଗୀତଟିର ଶେଷ ଅକ୍ଷର ଯେଉଁ ଆଙ୍ଗୁଠିରେ ପଡ଼େ, ସେହି ଆଙ୍ଗୁଠି ବନ୍ଦ କରାଯାଏ । ଏପରି ଭାବରେ ସବୁ ଆଙ୍ଗୁଠି ବନ୍ଦ ହେଲେ ବିଜୟ ଘୋଷଣା ହୋଇଥାଏ ।

**(ଗ) ଚୋର** ପୁଲିସ୍:

ଏହି ଲୋକକ୍ରୀଡ଼ାରେ ମୁଖ୍ୟତଃ ପାଞ୍ଚବର୍ଷ ବୟସରୁ ଆଠ ବର୍ଷର ପିଲାମାନେ ଭାଗ ନେଇଥାନ୍ତି । ଖେଳାଳି ସଂଖ୍ୟା ଅନିର୍ଦ୍ଦିଷ୍ଟ ଓ ପରିବେଷଣ ସ୍ଥାନ ଗୃହ ପ୍ରାଙ୍ଗଣ । ଏହି ଖେଳରେ ଚୋର, ପୁଲିସ୍, ମାଲିକ, ଚୌକିଦାର ଏପରି ଚାରି ଶ୍ରେଣୀ ପାଇଁ ଚାରୋଟି କାଗଜ ଟୁକୁଡ଼ା ବ୍ୟବହାର କରାଯାଇଥାଏ । ପ୍ରତ୍ୟେକ କାଗଜ ଖଣ୍ଡରେ ଚୋର, ପୁଲିସ୍, ମାଲିକ ଓ ଚୌକିଦାର ଲେଖାଯାଇଥିବାବେଳେ, ପ୍ରତ୍ୟେକଙ୍କ ପାଇଁ ଦଶ,କୋଡ଼ିଏ, ତିରିଶ୍ ଓ ଚାଳିଶ୍ ଅଙ୍କ ଥାଏ । ପ୍ରତ୍ୟେକ କାଗଜକୁ ଗୋଲାକୃତିରେ ଗୋଡ଼ାଇ ତଳେ ପକାଇ ଦିଆଯାଏ । ପ୍ରତ୍ୟେକ ଖେଳାଳି ଗୋଟିଏ ଗୋଟିଏ କାଗଜ ଉଠାଇଥାନ୍ତି । ଯାହାର କାଗଜରୁ ଯାହା ବାହାରେ ତା' ଅନୁସାରେ ଅଙ୍କ ଲେଖାଯାଏ । କିଛି ସମୟ ଖେଳପରେ ଯାହାର ସଂଖ୍ୟା ଅଧିକ ହୁଏ , ସେ ବିଜୟୀ ଘୋଷିତ ହୋଇଥାଏ । ଏହି ଖେଳର ସମୟ ସୀମା ଅନିର୍ଦ୍ଦିଷ୍ଟ ।

**(ଘ) ଗୋଡ଼ି ଖେଳ:**

ସୀମାନ୍ତ ବ୍ର ଅଂଚଳୀୟ ଲୋକକ୍ରୀଡ଼ା ମଧରେ ଗୋଡ଼ି ଖେଳ ଝିଅମାନଙ୍କର ଏକ ପ୍ରିୟ ଖେଳ । ଦୁଇରୁ ଅଧିକ ଖେଳାଳିଙ୍କୁ ନେଇ ଏହାର ପରିବେଷଣ କରାଯାଇଥାଏ । ଦଶଗୋଟି ଗୋଡ଼ି ଏହି ଖେଳର ଉପାଦାନ । ପ୍ରଥମତଃ ସମସ୍ତ ଗୋଡ଼ିକୁ ତଳେ ପକାଇ ଦିଆଯାଇଥାଏ । ଖେଳାଳିମାନେ ଗୋଟିଏ ଗୋଡ଼ି ହାତରେ ଧରି ଉପରକୁ ଫୋପାଡ଼ିବା ପରେ ତଳେ ପଡ଼ିଥିବା ଗୋଡ଼ିମାନଙ୍କ ମଧରୁ ଦୁଇଟିକୁ ଉଠାନ୍ତି । ଏପରି ଭାବରେ ସମସ୍ତ ଗୋଡ଼ି ଉଠାଇବା ପରେ, ପୁଣିଥରେ ସମସ୍ତ ଗୋଡ଼ିକୁ ତଳେ ପକାଇ ତିନୋଟି ଗୋଡ଼ି ଉଠାଯାଏ । ତା'ପରେ ଚାରୋଟି ଓ ଶେଷରେ ଦୁଇହାତରେ ସମସ୍ତ ଗୋଡ଼ିକୁ ଉଠାଯାଏ । ପ୍ରକାଶ ଥାଉକି, ଉପରକୁ ଗୋଟିଏ ଗୋଡ଼ି ଫୋପାଡ଼ି ଅନ୍ୟ ଗୋଡ଼ି ଉଠାଇବା ବେଳେ ଲକ୍ଷ୍ୟଭ୍ରଷ୍ଟ ହୋଇ ଯଦି ଗୋଡ଼ିଟି ହାତରୁ ଖସିଯାଏ ତେବେ ସେ ପରାଜିତ ଘୋଷିତ ହୁଏ । କିନ୍ତୁ ପ୍ରଥମରୁ ଶେଷ ଯାଏଁ ଯାହା ହାତରୁ ଗୋଡ଼ି ଖସେ ନାହିଁ, ତା'ର ବିଜୟ ହୁଏ । ଏହିପରି ଭାବରେ ତିରିଶ୍ ମିନିଟ୍ ଧରି ବା ତା'ଠାରୁ ଅଧିକ ସମୟ ଏହି ଖେଳ ଅନୁଷ୍ଠିତ ହୋଇଥାଏ ।


© 2026 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**(ଡ) ଛକିଶୂନ୍:**

ସାଧାରଣତଃ ଛୋଟପିଲାମାନଙ୍କ ମଧ୍ୟରେ ଏହି ଖେଳ ଅନୁଷ୍ଠିତ ହୋଇଥାଏ । ଏହା ଦୁଇଜଣ ଖେଳାଳିଙ୍କୁ ନେଇ ପରିବେଷିତ ହୁଏ। ଗୋଟିଏ କାଗଜ ଉପରେ ଏହି ଖେଳର କ୍ଷେତ୍ର ଚିତ୍ରାକାରରେ ଅଙ୍କନ କରାଯାଏ । ତା' ପରେ କଲମ କିମ୍ବା ପେନ୍‌ସିଲ୍ ସାହାଯ୍ୟରେ ଜଣେ ଛକି ପକାଏ ଓ ଅନ୍ୟ ଜଣକ ଶୂନ ପକାଇଥାଏ । ଯେଉଁ ଖେଳାଳି ନିଜର ଚିହ୍ନକୁ ଏକ ସରଳ ରେଖାରେ ସଜାଏ, ସେ ବିଜୟୀ ଘୋଷିତ ହୋଇଥାଏ ।

**(ଚ) ଧାଡ଼ି ଧୁକୁଡ଼ି:**

କେଉଁ ଆବହମାନ କାଳରୁ ଏହି ଲୋକକ୍ରୀଡ଼ାଟି ମୁଖ୍ୟତଃ ନାରୀ ଓ ପୁରୁଷ ଉଭୟଙ୍କୁ ନେଇ ଖେଳା ଯାଉଥିବା ଜଣାଯାଏ। ଖେଳାଳି ସଂଖ୍ୟା ଦୁଇ, ଗୃହପ୍ରାଙ୍ଗଣ କ୍ରୀଡ଼ା କ୍ଷେତ୍ର ଓ ତେନ୍ତୁଳି ମଞ୍ଜି/ ଛୋଟ ଗୋଡ଼ି ଆଦିକୁ ମୂଳ ଉପାଦାନ ଭାବରେ ଏହି ଖେଳ ନିମନ୍ତେ ଗ୍ରହଣ କରାଯାଇଥାଏ । ତଳେ ଏହି ଖେଳର କ୍ଷେତ୍ର ପ୍ରସ୍ତୁତ କରାଯାଏ । କ୍ରମ ଅନୁସାରେ ତିନୋଟି ବର୍ଗକ୍ଷେତ୍ର ଏବଂ ତିନୋଟି ବର୍ଗକ୍ଷେତ୍ରକୁ ଚତୁଃପାର୍ଶ୍ୱରେ ଥିବା ଚାରୋଟି ସରଳରେଖା ସଂଯୋଗ କରିଥାନ୍ତି । ଖେଳାଳିମାନେ ୧୧ଟି ପିକ (ଚୁଡ଼ିଖଣ୍ଡ, ତେନ୍ତୁଳି ମଞ୍ଜି କିମ୍ବା ଗୋଡ଼ି) କୁ ଗୋଟିଏ ପରେ ଗୋଟିଏ ବସାଇଥାନ୍ତି । ଯାହାର ପିକଗୁଡ଼ିକ ଧାଡ଼ିରେ ବା ଏକ ସରଳରେଖାରେ ରହନ୍ତି ସେ ଅନ୍ୟର ଏକ ପିକକୁ ଖାଇଥାଏ । ଏପରି ଭାବରେ ଯାହାର ପିକ ସମ୍ପୂର୍ଣ୍ଣ ମରିଯାଏ, ସେ ପରାଜିତ ହେବାବେଳେ ଅନ୍ୟଜଣକ ବିଜୟ ଘୋଷିତ ହୁଏ । ଉପାନ୍ତ ଅଞ୍ଚଳରେ ଏହା ଏକ ଲୋକପ୍ରିୟ କ୍ରୀଡ଼ା ଭାବରେ ପରିଚିତ ।

ଉପର୍ଯ୍ୟୁକ୍ତ ସମସ୍ତ ଲୋକକ୍ରୀଡ଼ା ବ୍ୟତୀତ ଆଲୋଚ୍ୟ ଅଞ୍ଚଳରେ ଅନ୍ୟ କେତେକ କ୍ରୀଡ଼ା ମଧ୍ୟ ପ୍ରଚଳିତ ଥିବା ଲକ୍ଷ୍ୟ କରାଯାଏ । ସେଗୁଡ଼ିକ ମଧ୍ୟରେ 'ଗାଲ ପାଉଡ଼ା' (ଗୁଡ଼ି ଖେଳ), 'କୁକୁଡ଼ା ଲଢ଼େଇ', 'ଗଞ୍ଜାପା', 'ବାଡ଼ିଖେଳ' ଆଦି ପ୍ରଧାନ । ସର୍ବୋପରି ଆଲୋଚ୍ୟ କ୍ରୀଡ଼ାଗୁଡ଼ିକ ପାରମ୍ପରିକତା ଦୃଷ୍ଟିରୁ ଯେତିକି ଉପଭୋଗ୍ୟ, ସାଂପ୍ରତିକ ଗ୍ରାମ୍ୟ ପରିବେଶର ମହତ୍ତ୍ୱ ରକ୍ଷା କ୍ଷେତ୍ରରେ ସେତିକି ଉପଯୋଗୀ ବୋଲି ସ୍ୱୀକାର କରାଯାଇପାରେ । ଲୋକକ୍ରୀଡ଼ା ଗୋଟିଏ ଅଞ୍ଚଳର ସାଂସ୍କୃତିକ ପରିଚୟ (Cultural identity) କୁ ଯେପରି ଉଜ୍ଜୀବିତ କରିଥାଏ, ସାମାଜିକ ସହାବସ୍ଥାନ (Social Balance) ରକ୍ଷା କ୍ଷେତ୍ରରେ ସେପରି ସହାୟକ ହୋଇଥାଏ । କେତେକ କ୍ଷେତ୍ରରେ ଲୋକକ୍ରୀଡ଼ା, ଲୋକନୃତ୍ୟାଦିକୁ ପ୍ରାଚୀନ, ପାରମ୍ପରିକ ଆଦି ଶବ୍ଦ ଆଧାରରେ ହେୟଜ୍ଞାନ କରାଯାଏ । କିନ୍ତୁ ତାହା ଯେ ଅତୀତ ତଥା ପାରମ୍ପରିକ ପ୍ରଥାର ଉଦ୍‌ଘୋଷକ ଏହାକୁ ମୁକ୍ତକଣ୍ଠରେ ସ୍ୱୀକାର କରିବାକୁ ପଡ଼ିବ ।

ଅପରନ୍ତୁ ଲୋକକ୍ରୀଡ଼ାର ଭବିଷ୍ୟତ ପ୍ରତି ସଚେତନ ହେବା ଆବଶ୍ୟକ । କାରଣ ଏହାର ସହାୟତାରେ ସାମାଜିକ, ସାଂସ୍କୃତିକ ବିକାଶ ସୁନିଶ୍ଚିତ । ତେଣୁ ଲୋକକ୍ରୀଡ଼ାର ସଂଗ୍ରହ, ବର୍ଗୀକରଣ, ଅଧ୍ୟୟନ, ସର୍ବୋପରି ତା'ର ସୁରକ୍ଷା ପ୍ରତି ସହନଶୀଳ ହେବା ଆବଶ୍ୟକ । ଆଧୁନିକତାର ସ୍ପର୍ଶରେ ଆଜି ବହୁ ଲୋକକ୍ରୀଡ଼ା ବିଲୁପ୍ତ ପ୍ରାୟ । ଏପରିକି କେତେକ କ୍ଷେତ୍ରରେ ପାରମ୍ପରିକ ଶୈଳୀ ପରିବର୍ତ୍ତେ ଆଧୁନିକତାର ରଙ୍ଗ ଦେଖିବାକୁ ମିଳେ । ତେଣୁ ସୀମାନ୍ତ ଅଞ୍ଚଳରୁ ଲୋକକ୍ରୀଡ଼ାର ସୁମହତ ସମୃଦ୍ଧି ଲୋପ ପାଇବା ପୂର୍ବରୁ ତା'ର ଉଦ୍ଧାର ହେବା ଏକାନ୍ତ ସମୀଚୀନ।

## ସହାୟକ ଗ୍ରନ୍ଥସୂଚୀ


1. ଦାସ କୁଞ୍ଜବିହାରୀ। *ଓଡ଼ିଆ ଲୋକଗୀତ ଓ କାହାଣୀ*। ଶାନ୍ତିନିକେତନ: ବିଶ୍ୱଭାରତୀ; ୧୯୫୮।
2. ଦାସ କୁଞ୍ଜବିହାରୀ, ମହାପାତ୍ର ନରେନ୍ଦ୍ରନାଥ। *ଓଡ଼ିଆ ଲୋକସଂସ୍କୃତି ପ୍ରଦୀପିକା*। କଟକ: [ପ୍ରକାଶକ ଉଲ୍ଲେଖ ନାହିଁ]।
3. ପ୍ରଧାନ କୃଷ୍ଣଚନ୍ଦ୍ର। *ଓଡ଼ିଆ ଲୋକସଂସ୍କୃତି ଓ ଲୋକସାହିତ୍ୟ*। କଟକ: ସନ୍ତୋଷ; [ବର୍ଷ ଉଲ୍ଲେଖ ନାହିଁ]।
4. ମହାପାତ୍ର ଶ୍ୟାମସୁନ୍ଦର। *ଲୋକ ସଂସ୍କୃତି ସ୍ୱରୂପ ଓ ତତ୍ତ୍ୱ*। କଟକ: ନାଳନ୍ଦା; [ବର୍ଷ ଉଲ୍ଲେଖ ନାହିଁ]।
5. ନାୟକ ଶୈଳେଶ୍ୱର। *ଓଡ଼ିଶାର ପାରମ୍ପରିକ ଲୋକଖେଳ ଓ ସାମାଜିକ ସ୍ଥିତି*। କଟକ: ଗ୍ରନ୍ଥମନ୍ଦିର; [ବର୍ଷ ଉଲ୍ଲେଖ ନାହିଁ]।
6. ପଟ୍ଟନାୟକ ଅରବିନ୍ଦ। *ବ୍ରତ ସାହିତ୍ୟ ଓ ଲୋକସଂସ୍କୃତି*। କଟକ: ଓଡ଼ିଶା ବୁକ୍ ଷ୍ଟୋର୍; [ବର୍ଷ ଉଲ୍ଲେଖ ନାହିଁ]।



**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution–Non-Commercial–No Derivatives 4.0 International (CC BY-NC-ND 4.0) license. This license permits sharing and redistribution of the article in any medium or format for non-commercial purposes only, provided that appropriate credit is given to the original author(s) and source. No modifications, adaptations, or derivative works are permitted under this license.



**About the Corresponding Author**



**ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ** କଳିଙ୍ଗ ମହାବିଦ୍ୟାଳୟ, ଘୁ. ଉଦୟଗିରି, କନ୍ଧମାଳ, ଓଡ଼ିଶାର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ଭାବେ କାର୍ଯ୍ୟରତ। ସେ ଓଡ଼ିଆ ସାହିତ୍ୟ, ଭାଷା ଅଧ୍ୟୟନ ଓ ଗବେଷଣାରେ ସକ୍ରିୟ ଭାବେ ଲିପ୍ତ। ତାଙ୍କ ଶିକ୍ଷଣ ଓ ଗବେଷଣା କାର୍ଯ୍ୟ ଓଡ଼ିଆ ଭାଷାର ଉନ୍ନତିରେ ଅବଦାନ ରଖୁଛି।




© 2026 ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/